# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 April - 2026

***********************************

## ମୁଖ୍ୟ ସମ୍ବାଦ

- ଦେଶର ଦୃଢ଼ତା ଜନସାଧାରଣଙ୍କ ଜ୍ଞାନ, ମୂଲ୍ୟବୋଧ ଓ ସାମର୍ଥ୍ୟରେ ନିହିତ ଥାଏ; ଇନ୍ଦୋର ୩୯ତମ ସମାବର୍ତ୍ତନ ଉତ୍ସବରେ କହିଲେ ଉପରାଷ୍ଟ୍ରପତି
- ରାଜ୍ୟରେ ୭୭ ଲକ୍ଷ ୩୪ ହଜାର ମେଟ୍ରିକ୍‌ଟନ୍‌ରୁ ଅଧିକ ସଂଗୃହୀତ ହୋଇଛି ଖରିଫ୍ ଧାନ
- ଓଡ଼ିଆ ପକ୍ଷ ପାଳନର ଆଜି ସପ୍ତମ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଛି 'ଶିଶୁ କଥା ଦିବସ'

ଏବଂ

- 'ସ୍ୱାସ୍ଥ୍ୟ ପାଇଁ ଏକଜୁଟ୍ ହେବା, ବିଜ୍ଞାନ ସହ ଆଗକୁ ବଢ଼ିବା' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ'

## ଇଗ୍ନୋ-ଉପରାଷ୍ଟ୍ରପତି

ଗୋଟିଏ ଦେଶର ଦୃଢ଼ତା ଏହାର ଲୋକମାନଙ୍କ ଜ୍ଞାନ, ମୂଲ୍ୟବୋଧ ଏବଂ ସାମର୍ଥ୍ୟରେ ନିହିତ ଥାଏ ବୋଲି ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ କହିଛନ୍ତି । ଦେଶର କୌଶଳ ଇକୋ ସିଷ୍ଟମକୁ ସୁଦୃଢ଼ କରିବା କ୍ଷେତ୍ରରେ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ନୂଆଦିଲ୍ଲୀରେ ଆଜି ଇଗ୍ନୋର ଅଣଚାଳିଶତମ ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ଉପରାଷ୍ଟ୍ରପତି କହିଛନ୍ତି। ଏଭଳି ଉଦ୍ୟମ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ପୂରଣ ଦିଗରେ ସହାୟକ ହେବ ବୋଲି ଶ୍ରୀ ରାଧାକୃଷ୍ଣନ କହିଛନ୍ତି ।

**କୋରାପୁଟ**ସ୍ଥିତ ଆଞ୍ଚଳିକ କେନ୍ଦ୍ରରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀପ୍ରସାଦ ମିଶ୍ର ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଛନ୍ତି। କୋରାପୁଟ, ବଲାଙ୍ଗିର, କଳାହାଣ୍ଡି ଅଂଚଳରେ ଉଚ୍ଚଶିକ୍ଷାର ପ୍ରସାର ଓ ପ୍ରଚାରରେ ଇଗ୍ନୋ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସାତଟି ଜିଲ୍ଲାକୁ ନେଇ ଗଠିତ ଏହି ଆଂଚଳିକ କେନ୍ଦ୍ର ସ୍ଥାନୀୟ ଅଂଚଳର ସାମାଜିକ, ଆର୍ଥିକ ସମସ୍ୟା, ଭୌଗୋଳିକ ଦୂରତ୍ୱ, ପାହାଡ଼ିଆ ପରିସ୍ଥିତି ଏବଂ ଆଦିବାସୀ ସମ୍ପ୍ରଦାୟର ଶିକ୍ଷା କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ବାଧାଗୁଡ଼ିକୁ ଦୂର କରିବାରେ ସେତୁ ଭାବେ କାର୍ଯ୍ୟ କରୁଛି।

## ପଞ୍ଚାୟତ ବିକାଶ

ଶକ୍ତିଶାଳୀ ପଞ୍ଚାୟତ ହେଉଛି ସ୍ଥାୟୀ ବିକାଶର ଆଧାର ବୋଲି  ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ଭୁବନେଶ୍ୱର କୃଷି ଭବନଠାରେ ଆୟୋଜିତ ତୃଣମୂଳ ଶାସନ ପାଇଁ ଦକ୍ଷତା ବିକାଶର ପୁନଃ କଳ୍ପନା ଶୀର୍ଷକ ଏକ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି, ପଂଚାୟତିରାଜ ପ୍ରତିନିଧିମାନଙ୍କୁ ସଶକ୍ତ କରିବା ପାଇଁ ଏକ ନିରନ୍ତର ଓ ଦକ୍ଷତା ଭିତ୍ତିକ ପ୍ରଶିକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଦେଶରେ ବର୍ତ୍ତମାନ ପାଳନ କରାଯାଉଥିବା ସାଧନା ସପ୍ତାହର ଅଂଶସ୍ୱରୂପ ଆଜି ଆୟୋଜନ କରାଯାଇଥିବା ଏହି କାର୍ଯ୍ୟକ୍ରମ କର୍ମଯୋଗୀ ସରକାରୀ ଅଧିକାରୀଙ୍କ ସହାୟତାରେ ପଂଚାୟତସ୍ତରରେ ବ୍ୟାପକ ପରିବର୍ତ୍ତନ ଆସିପାରିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି। ଏହି ଅବସରରେ ପଂଚାୟତିରାଜ କର୍ମଚାରୀଙ୍କ ପାଇଁ ଏକ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ବିକଶିତ ପଂଚାୟତ ହ୍ୱାଟସ୍‌ଆପ୍ ଚାଟବଟ୍ ଏବଂ ସ୍ୱତନ୍ତ୍ର ଇ-ଲର୍ଣ୍ଣିଂ ମଡେଲ ଉନ୍ମୋଚନ କରାଯାଇଛି। ଏହି ଅଭିଯାନ ଅଧୀନରେ କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା ବ୍ଲକ୍ ଏବଂ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ୍‌ର ଗ୍ରାମପଂଚାୟତଗୁଡ଼ିକୁ ପାଇଲଟ୍ ପ୍ରକଳ୍ପ ଭାବେ ଚୟନ କରାଯାଇଛି। ଏହା ମାଧ୍ୟମରେ ତୃଣମୂଳସ୍ତରରେ ଡିଜିଟାଲ ଶିକ୍ଷା, ଗ୍ରାମସଭାରେ ସକ୍ରିୟ ଅଂଶଗ୍ରହଣ ଏବଂ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ବିକାଶମୂଳକ ଯୋଜନା ପ୍ରସ୍ତୁତ କରାଯାଉଛି।

## ଗଭ୍ ଏଲ୍‌ପିଜି ଡବଲ

ପ୍ରବାସୀ ଶ୍ରମିକମାନଙ୍କୁ ୫ କିଲୋଗ୍ରାମ ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ଆବଣ୍ଟନ ସୁଗମ କରିବା ପାଇଁ କେନ୍ଦ୍ର ସରକାର ଯୋଗାଣକୁ ଦୁଇଗୁଣ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ସଚିବ ଡକ୍ଟର ନୀରଜ ମିତ୍ତଲ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଏହି ମର୍ମରେ ପତ୍ର ଲେଖିଛନ୍ତି । ଶ୍ରୀ ମିତ୍ତଲ କହିଛନ୍ତି, ୫ କିଲୋଗ୍ରାମ ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ଗୁଡ଼ିକ ରାଜ୍ୟ ସରକାରଙ୍କୁ ଯୋଗାଇ ଦିଆଯିବ ଏବଂ ସେହି ରାଜ୍ୟର ପ୍ରବାସୀ ଶ୍ରମିକମାନଙ୍କୁ ତୈଳ ବିପଣନ କମ୍ପାନୀମାନଙ୍କ ସହାୟତାରେ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ସିଲିଣ୍ଡର ଆବଣ୍ଟନ କରାଯିବ ।

## ଧାନ ସଂଗ୍ରହ

ରାଜ୍ୟର କୃଷକମାନଙ୍କ ଆର୍ଥିକ ଉନ୍ନତି ଓ ସାମଗ୍ରୀକ ବିକାଶ ପାଇଁ ସରକାର ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ସୂଚନା ଅନୁସାରେ, ଗତକାଲି ସୁଦ୍ଧା ୭୭ ଲକ୍ଷ ୩୪ ହଜାରରୁ ଊର୍ଦ୍ଧ୍ୱ ମେଟ୍ରିକ୍‌ଟନ୍ ଧାନ ସଂଗ୍ରହ ହୋଇଛି । ଏ ବାବଦରେ ସରକାରଙ୍କ ପକ୍ଷରୁ ୧୮ ଲକ୍ଷ ୮୧ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଠାରୁ ଧାନ କିଣାଯାଇ ୨୩ ହଜାର ୩୧୧ କୋଟିରୁ ଅଧିକ ଅର୍ଥରାଶି ପୈଠ କରାଯାଇଛି । ଧାନ କ୍ରୟ ପ୍ରକ୍ରିୟା ଅବଧି ଆସନ୍ତା ଗୁରୁବାର ଦିନ ଶେଷ ହେଉଛି ।

# ଓଡ଼ିଆ ପକ୍ଷ-ଶିଶୁକଥା ଦିବସ/ବର୍ଣ୍ଣବୋଧ ବଣ୍ଟନ

ଓଡ଼ିଆ ପକ୍ଷ ପାଳନର ଆଜି ସପ୍ତମ ଦିନକୁ 'ଶିଶୁକଥା ଦିବସ' ଭାବେ ପାଳନ କରାଯାଉଛି। ଶିଶୁକଥା ଦିବସ ପାଳନ ଅବସରରେ ରାଜ୍ୟର ବିଦ୍ୟାଳୟଗୁଡିକରେ ବର୍ଣ୍ଣବୋଧ, ଶିଶୁଲେଖା ପୁସ୍ତକ ଏବଂ ବରିଷ୍ଠ ନାଗରିକମାନଙ୍କୁ ଭାଗବତ ପୁସ୍ତକ ପ୍ରଦାନ କରାଯାଉଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ କାର୍ଯ୍ୟକ୍ରମମାନ ଚାଲିଛି। ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ଏବଂ ପ୍ରସାର ସହ ଓଡ଼ିଆ ସଂସ୍କୃତି, ପରମ୍ପରା ଏବଂ ବିଭିନ୍ନ ଲୋକବାଣୀ ସମ୍ବନ୍ଧରେ ଜନସାଧାରଣ ଅବଗତ ହେବା ଉଦ୍ଦେଶ୍ୟରେ ଓଡ଼ିଆ ପକ୍ଷ ପାଳନ ଗୁରୁତ୍ୱ ବହନ କରୁଛି।

ଶିଶୁମାନଙ୍କ ମଧ୍ୟରେ ସୃଜନଶୀଳତା ଓ ମାତୃଭାଷା ପ୍ରତି ଆଗ୍ରହ ବଢ଼ାଇବା 'ଶିଶୁ କଥା ଦିବସ'ର ମୂଳ ଲକ୍ଷ୍ୟ ବୋଲି **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଆ ଭାଷା ଓ ସଂସ୍କୃତିକୁ କାହାଣୀ ମାଧ୍ୟମରେ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି।

**ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଦିଲ୍ଲୀପ ରାଉରାରାୟ ଉଦ୍‌ଘାଟନ କରିଛନ୍ତି। ଓଡ଼ିଆ ଭାଷା,

ସାହିତ୍ୟ ଓ ସଂସ୍କୃତିର ପ୍ରଚାର-ପ୍ରସାର ଦିଗରେ ବର୍ଣ୍ଣବୋଧର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲ୍ଲାପାଳ କହିଛନ୍ତି ।

**କେନ୍ଦ୍ରାପଡ଼ା** ଜିଲ୍ଲାପାଳ ରଘୁରାମ ଆର.ଆୟର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତିକା ଓ ଶିଶୁଲେଖା ପତ୍ରିକା ବିତରଣ କରିଛନ୍ତି ।

**ନବରଙ୍ଗପୁର** ବ୍ଲକ୍ ଅନ୍ତର୍ଗତ ସାନକୁସୁମୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବିଭାଗ ପକ୍ଷରୁ ବର୍ଣ୍ଣବୋଧ ପୁସ୍ତିକା ବଣ୍ଟନ କରାଯାଇଛି ।

**ଗଞ୍ଜାମ** ଜିଲ୍ଲାପାଳ ଛତ୍ରପୁରସ୍ଥିତ ପିଏମ୍‌ଶ୍ରୀ ଅନ୍‌ସ୍ଲୋ ସରକାରୀ ଉଚ୍ଚବିଦ୍ୟାଳୟରେ ଆୟୋଜିତ ଶିଶୁ କଥା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଖେଳ ସହିତ ପାଠର ଆବଶ୍ୟକତା ଅଛି ବୋଲି କହିଛନ୍ତି ।

**କନ୍ଧମାଳ** ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗର ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ଭାଷାର ସୁରକ୍ଷା ଓ ପ୍ରସାର ପାଇଁ ଗୁରୁତ୍ୱାରୋପ କରିଥିଲେ ।

**ବୌଦ୍ଧ** ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ବିଭିନ୍ନ ସ୍କୁଲରେ ବର୍ଣ୍ଣବୋଧ ପୁସ୍ତିକା ବଣ୍ଟନ କରାଯାଇଛି । ମୁରୁଶୁଣ୍ଡି ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଓଡ଼ିଆ ଭାଷାର ଐତିହ୍ୟକୁ

ସଂରକ୍ଷଣ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଭାଷାଗତ ଶିକ୍ଷା ଓ ବିକାଶ ଦିଗରେ ବର୍ଣ୍ଣବୋଧ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବିଶ୍ୱ କଲ୍ୟାଣ ପାଇଁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । ସମ୍ପୂର୍ଣ୍ଣଭାବେ ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତାକୁ ଉତ୍ତମ ସ୍ୱାସ୍ଥ୍ୟ କୁହାଯାଇଥାଏ। ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ରହିଛି "ସ୍ୱାସ୍ଥ୍ୟ ପାଇଁ ଏକଜୁଟ୍ ହେବା, ବିଜ୍ଞାନ ସହ ଆଗକୁ ବଢ଼ିବା"। ପ୍ରତ୍ୟେକ ବ୍ୟକ୍ତି, ସଂସ୍ଥା, ସଂଗଠନ ଓ ସରକାରଙ୍କର ମିଳିତ ପ୍ରଚେଷ୍ଟାରେ ପୃଥିବୀର ଲୋକମାନେ କିପରି ନିରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ଉପଭୋଗ କରିପାରିବେ ସେଥିପାଇଁ ୧୯୫୦ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆଜିର ଦିନକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରାଯାଉଛି।

ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା.......

ଖାଦ୍ୟ, ବସ୍ତ୍ର, ବାସଗୃହ ଯେପରି ଜଣେ ଲୋକର ସର୍ବନିମ୍ନ ଅଧିକାର ସେହିଭଳି ସ୍ୱାସ୍ଥ୍ୟ ବିଷୟରେ ଜାଣିବା ଏବଂ ଦରକାର ସମୟରେ ଚିକିତ୍ସା ପାଇବା ଜଣେ ବ୍ୟକ୍ତିର ମଧ୍ୟ ଅଧିକାର। ପୃଥିବୀର କୋଟିକୋଟି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଅଧିକାର ପାଇବାରେ ସୁଯୋଗ ମିଳିପାରୁନାହିଁ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶ୍ୱସ୍ତରରେ ବୈପ୍ଳବିକ୍ ପରିବର୍ତ୍ତନ ସ୍ୱରୂପ ସଫଳତାର ସହିତ ମିଳିମିଳା, ହାଡଫୁଟି, ପୋଲିଓ, ଟିବି, କୁଷ୍ଠରୋଗ ଆଦି ରୋଗର ପ୍ରତିହତ ପାଇଁ ସାମୁହିକ ପ୍ରଚେଷ୍ଟା ଜାରି ରହିଛି।

କର୍କଟ, ଗ୍ଲୋବାଲ ୱାର୍ମିଂ, ଜଳବାୟୁ ପରିବର୍ତ୍ତନ, କର୍କଟ, ଉଚ୍ଚ ରକ୍ତଚାପ, ମଧୁମେହ, କିଡ୍‌ନୀ, ମେଦବହୁଳତା, ସ୍ମୃତିଶକ୍ତି ହ୍ରାସ ଆଦି ଅନେକ ରୋଗ ବର୍ତ୍ତମାନ ସମୟରେ ଆହ୍ୱାନ ସୃଷ୍ଟି କରିଛି। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟରେ ଏକ ଅଂଶଭାବରେ ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟାକୁ କିପରି ସମାଧାନ କରାଯିବ ଏବଂ ଲୋକମାନଙ୍କୁ ସଚେତନ କରାଇ ଏକ ସୁସ୍ଥ ସ୍ୱାସ୍ଥ୍ୟ ସମାଜ ଗଠନ କରିବା ପାଇଁ ଆଜିର ଦିନ ଏକ ନୂତନ ଅଭିଯାନ ଆରମ୍ଭର ଧ୍ୟାନ କେନ୍ଦ୍ରୀତ କରୁଛି।

ପୃଥିବୀର ୧୪୦ଟି ରାଷ୍ଟ୍ର ନିଜ ନିଜର ସମ୍ବିଧାନରେ ସ୍ୱାସ୍ଥ୍ୟକୁ ଏକ ମାନବ ଅଧିକାର ଭାବେ ସ୍ୱିକୃତି ଦେଇଛନ୍ତି। ଜାତିସଂଘର ଏକ ରିପୋର୍ଟରେ କୁହାଯାଇଛି, ବିଶ୍ୱର କୋଟି କୋଟି ଲୋକ ଉତ୍ତମ ସେବା ଅଧିକାରରୁ ବର୍ତ୍ତମାନ ମଧ୍ୟ ବଞ୍ଚିତ ରହିଛନ୍ତି । ଲୋକମାନଙ୍କ ଭିତରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତାର ଅଭାବ ଓ ଉତ୍ତମ ଚିକିତ୍ସା ମିଳିପାରୁ ନ ଥିବାରୁ ବିଶ୍ୱରେ ପ୍ରତି ୫ ସେକେଣ୍ଡରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି । ସମସ୍ତଙ୍କ ନିକଟରେ ଉତ୍ତମ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ, ଶିକ୍ଷା, ଉତ୍ତମ ଚିକିତ୍ସା, ଶୁଦ୍ଧ ପାନୀୟ ଜଳ, ନିର୍ମଳ ବାୟୁ, ପରିଷ୍କାର ପରିଚ୍ଛନ୍ନ ପରିବେଶ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅଧିକାର

ଯୋଗାଇ ଦେବାପାଇଁ ବିଭିନ୍ନ ସ୍ତରରେ ଆଜି ସଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

*ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା*

## ଝାମୁଯାତ୍ରା

ପୁରୀ ଜିଲ୍ଲା କାକଟପୁରର ଅଧୀଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ଆଜି ପ୍ରସିଦ୍ଧ ଝାମୁ ଯାତ୍ରା ଅନୁଷ୍ଠିତ ହେଉଛି । ରାଜ୍ୟର ବିଭିନ୍ନ ଦେବୀପୀଠରେ ପଣା ସଂକ୍ରାନ୍ତୀ ବା ବିଷୁବ ସଂକ୍ରାନ୍ତୀ ଦିନ ଝାମୁଯାତ୍ରା ଅନୁଷ୍ଠିତ ହେଉଥିବାବେଳେ କାକଟପୁର ମା' ମଙ୍ଗଳା ମନ୍ଦିରରେ ଦୋଳ ପୂର୍ଣ୍ଣିମା ପର ପଞ୍ଚମ ମଙ୍ଗଳବାର ଦିନ ଝାମୁ ଯାତ୍ରା ପାଳିତ ହୋଇଆସୁଛି । ଚୈତ୍ର ମାସରେ ମା' ମଙ୍ଗଳାଙ୍କ ମନ୍ଦିରରେ ଘଣ୍ଟପାଟୁଆଙ୍କ ନୃତ୍ୟ ପରିବେଷଣ, କଳିକା ନୃତ୍ୟ ଓ ଝାମୁ ଉତ୍ସବ ପାଳନ ଏକ ଅନନ୍ୟ ପରମ୍ପରା ଭାବେ ପାଳନ କରାଯାଉଛି ।

# ପାଣିପାଗ

ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ଆଗାମୀ ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରାୟ ସବୁ ଜିଲ୍ଲାପାଇଁ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । କାଳବୈଶାଖୀ ଏବଂ ବିଜୁଳି ଘଡ଼ଘଡ଼ି ସମୟରେ ଜନସାଧାରଣଙ୍କୁ ସତର୍କ ରହିବା ଏବଂ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାଲାଗି ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।